# NATIONAL NEWS BULLETIN (ODIA)

## 05th April' 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ ପ୍ରଚାର ଲାଗି ଆଜି ପଶ୍ଚିମବଙ୍ଗ ଗସ୍ତ କରିବେ ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ।

— କେରଳ ବିଧାନସଭା ନିମନ୍ତେ ୧୪୦ଟି ଯାକ ଆସନରେ ବିଭିନ୍ନ ରାଜନୈତିକ ଦଳର ପ୍ରଚାରକାର୍ଯ୍ୟ ଜୋର୍‌ଦାର ।

- ପୁଡୁଚେରୀ ବିଧାନସଭା ନିମନ୍ତେ ନିର୍ବାଚନୀ ଇସ୍ତାହାର ପ୍ରକାଶ କଲା ବି.ଜେ.ପି. ।

- କାର୍ଯ୍ୟରେ ଅବହେଳା ଅଭିଯୋଗରେ ପଶ୍ଚିମବଙ୍ଗ ପାନିଘାଟି ବିଧାନସଭା ନିର୍ବାଚନ ମଣ୍ଡଳିର ସହାୟକ କ୍ଷେତ୍ର ଅଧିକାରୀଙ୍କୁ ଦାୟିତ୍ୱର ହଟାଇଲେ ନିର୍ବାଚନ ଆୟୋଗ ।

- ହର୍ମୁଜ ପ୍ରଣାଳୀ ଖୋଲିବା ଲାଗି ଇରାନ୍‌କୁ ୪୮ ଘଣ୍ଟାର ମହଲତ୍ ଦେଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ବିଜୟୀ ।

— ଆଜି ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ ୨ଟି ମ୍ୟାଚ୍ ।

## ପି.ଏମ୍. - ଡବ୍ଲ୍ୟୁ.ବି. ଭିଜିଟ୍

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ଲାଗି ଆଜି ପଶ୍ଚିମବଙ୍ଗର କୁଚ୍‌ବେହାର ଗସ୍ତ କରିବେ । ସେ ରାସ ମେଳା ପଡ଼ିଆରେ କୁଚ୍‌ବେହାର ଜିଲ୍ଲାର ୮ଟି ବିଧାନସଭା ଆସନ ଏବଂ ଅଲିପୁରଦୁଆର ଜିଲ୍ଲାର ୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବି.ଜେ.ପି. ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ପ୍ରଧାନମନ୍ତ୍ରୀଙ୍କ ର୍‌ୟାଲି ପୂର୍ବରୁ ରାଜ୍ୟ ବି.ଜେ.ପି. ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ଶାମିକ୍ ଭଟ୍ଟାଚାର୍ଯ୍ୟ ପ୍ରଧାନମନ୍ତ୍ରୀଙ୍କ ସଭାକୁ ସଫଳ କରିବା ଲାଗି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

## କେରଳମ୍ କ୍ୟାମ୍ପେନିଙ୍ଗ୍

କେରଳ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରଚାର କାର୍ଯ୍ୟ ଜୋର୍‌ଦାର ହେଉଛି । ସମସ୍ତ ୧୪୦ଟି ଯାକ ବିଧାନସଭା ଆସନରେ ପ୍ରାର୍ଥୀମାନେ ସେମାନଙ୍କ ସପକ୍ଷରେ ଭୋଟ୍ ଦେବା ଲାଗି ଭୋଟର୍‌ମାନଙ୍କୁ ପ୍ରବର୍ତ୍ତାଉଛନ୍ତି । ନିର୍ବାଚନ ସମୟ ପାଖେଇ ଆସୁଥିବାରୁ ପ୍ରାର୍ଥୀ ଏବଂ ଦଳୀୟ କର୍ମୀମାନେ ଅଧିକରୁ ଅଧିକ ସଭାସମିତି ଜରିଆରେ ଏବଂ ଭୋଟରମାନଙ୍କୁ ସାକ୍ଷାତ୍ କରୁଛନ୍ତି । ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତାମାନେ ରୋଡ୍‌ଶୋ' ଏବଂ ସାଧାରଣ ସଭାଗୁଡ଼ିକରେ ସାମିଲ୍ ହେଉଛନ୍ତି । ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି କଟ୍ଟାକଡ଼ାରେ ଏକ ର୍‍ୟାଲି କରିବା ସହ ବାଇପୋର୍‌ରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ପିରୁମେଦୁ ଓ କୋଟାରକାଠାରେ ଦଳୀୟ ପ୍ରଚାର କରିବେ । ସି.ପି.ଆଇ.ଏମ୍. ମହାସଚିବ ଏମ୍.ଏ. ବେବି ବରକଳା ଏବଂ ବାମନପୁରମ୍‌ରେ ପ୍ରଚାର ଅଭିଯାନରେ ସାମିଲ୍ ହେବେ ।

## ବି.ଜେ.ପି. ମାନିଫେଷ୍ଟୋ – ପୁଡୁଚେରୀ

ପୁଡୁଚେରୀ ବିଧାନସଭା ନିର୍ବାଚନ ନିମନ୍ତେ ବି.ଜେ.ପି. ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି । କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବି.ଜେ.ପି. ନେତା

ଡକ୍ଟର ମନସୁଖ ମାଣ୍ଡଭୀୟ ଏହି ଇସ୍ତାହାର ଉନ୍ମୋଚନ କରିଛନ୍ତି । ଦଳ ପକ୍ଷରୁ ପ୍ରତ୍ୟେକ ରାସନ କାର୍ଡ଼ ହିତାଧିକାରୀଙ୍କୁ ବର୍ଷକୁ ୨ଟି ମାଗଣା ଏଲ୍.ପି.ଜି. ସିଲିଣ୍ଡର ଦେବା ଲାଗି ଇସ୍ତାହାରରେ କୁହାଯାଇଛି ।

ମହିଳା ସଶକ୍ତୀକରଣ ଲାଗି ୫୦ ହଜାର ଟଙ୍କାର ରିହାତି ସହ ପିଙ୍କ୍ ଅଟୋ ବ୍ୟବସ୍ଥା, ଦ୍ୱାଦଶ ଶ୍ରେଣୀ ଛାତ୍ରୀମାନଙ୍କୁ ଇ-ସ୍କୁଟର ଏବଂ ସରକାରୀ ଚାକିରିରେ ଗ୍ରୁପ୍-ସି' ଓ ଡି' ପଦବୀରେ ୬୦ ପ୍ରତିଶତ ନିଯୁକ୍ତି ଭଳି ବିଷୟ ଇସ୍ତାହାରରେ ଘୋଷଣା କରାଯାଇଛି ।

## ଡବ୍ଲ୍ୟୁ.ବି. - ଇ.ସି.ଆଇ.

ପଶ୍ଚିମବଙ୍ଗ ପାନିଘାଟି ବିଧାନସଭା ନିର୍ବାଚନ ମଣ୍ଡଳିର ସହାୟକ କ୍ଷେତ୍ର ଅଧିକାରୀ ଅତନୁ ଚକ୍ରବର୍ତ୍ତୀଙ୍କୁ ନିର୍ବାଚନ ଆୟୋଗ ଦାୟିତ୍ୱରୁ ଅନ୍ତର କରିବା ସହ କାର୍ଯ୍ୟରେ ଅବହେଳା ଲାଗି କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଶ୍ରୀ ଚକ୍ରବର୍ତ୍ତୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କାର୍ଯ୍ୟକଳାପରେ ଅନ୍ତର୍ଭୁକ୍ତ ଥିବା ରିପୋର୍ଟ ମିଳିଥିଲା ।

ଅନ୍ୟ ଏକ ଘଟଣାରେ ଆୟୋଗ ମୁର୍ଶିଦାବାଦ ଜିଲ୍ଲା ଅନ୍ତର୍ଗତ ବହରମ୍ପୁର ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟରେ ଅବହେଳା ଲାଗି ଶୃଙ୍ଖଳାଗତ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ବରିଷ୍ଠ କଂଗ୍ରେସ ନେତା

ତଥା ପୂର୍ବତନ ସାଂସଦ ଅଧିର ରଞ୍ଜନ ଚୌଧୁରୀଙ୍କୁ ନିର୍ବାଚନ ପ୍ରଚାର ଓ ନାମାଙ୍କନ ପତ୍ର ଦାଖଲ ସମୟରେ ବେଆଇନ ଭାବେ ଅଟକ ରଖିବା ନେଇ ଆୟୋଗ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ସେହି ଘଟଣାରେ ତୃଣମୂଳ କଂଗ୍ରେସର ୪ ଜଣ ନେତାଙ୍କ ସମ୍ପୃକ୍ତି ନେଇ ମଧ୍ୟ ନିର୍ବାଚନ ଆୟୋଗ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛନ୍ତି ।

## ବି.ଜେ.ପି. - ଡବ୍ଲ୍ୟୁ.ବି. ଲିଷ୍ଟ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ନିମନ୍ତେ ବି.ଜେ.ପି. ୫ ଜଣ ପ୍ରାର୍ଥୀଙ୍କ ପଞ୍ଚମ ତାଲିକା ଘୋଷଣା କରିଛି । ଅନୁପମ ବିଶ୍ୱାସ କଲ୍ୟାଣୀ ଆସନରୁ ନିର୍ବାଚନ ଲଢ଼ିବାକୁ ଥିବାବେଳେ କିଷନନଗର ଉତ୍ତରରୁ ତାରକାନାଥ ଚାଟ୍ଟାର୍ଜୀ, ଦମ୍‌ଦମ୍ ଉତ୍ତରରୁ ସୌରଭ ସିକ୍‌ଦାର, ମଧ୍ୟମଗ୍ରାମରୁ ଅନିତ୍ୟ ରାଜୁ ବାନାର୍ଜୀ ଏବଂ ଉଲୁବେରିଆ ପୂର୍ବ ଆସନରୁ ରୁଦ୍ରପ୍ରସାଦ ବାନାର୍ଜୀ ନିର୍ବାଚନ ଲଢ଼ିବେ । ଅନ୍ୟପକ୍ଷରେ କୌଶିକ ସିଦ୍ଧାର୍ଥ ବସିରହାଟ ଉତ୍ତର, ଅଭିଜିତ୍ ସର୍ଦାର ବିଷ୍ଣୁପୁର ଏବଂ ଶଙ୍କର ସିକ୍‌ଦାର ବେହଲା ପୂର୍ବ ଆସନରୁ ନାମାଙ୍କନ ପତ୍ର ଦାଖଲ କରିବେ ।

## ପି.ଏମ୍. - ଓ୍ୱିମେନ୍ ରିଜର୍ଭେସନ

୨୦୨୩ ମସିହାରେ ମହିଳାମାନଙ୍କ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ସଂରକ୍ଷଣ ନେଇ ଲାଗୁ ହୋଇଥିବା ଆଇନକୁ ୨୦୨୯ରୁ କାର୍ଯ୍ୟକାରୀ କରିବା ନିମନ୍ତେ ବ୍ୟବସ୍ଥା କରିବା ଲାଗି ପାର୍ଲାମେଣ୍ଟର ବଜେଟ୍ ଅଧିବେଶନକୁ ୩ ଦିନ ବୃଦ୍ଧି କରାଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଗତକାଲି କେରଳରେ ଏକ ର୍ୟାଲିକୁ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି କହିଛନ୍ତି, ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ଅଧିବେଶନ ଅନୁଷ୍ଠିତ ହେବ । ସେ କହିଛନ୍ତି, ଏନ୍.ଡି.ଏ. ସରକାର ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେଇଛନ୍ତି । ସମସ୍ତ ରାଜନୈତିକ ଦଳ ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଶ୍ରୀ ମୋଦି ଆହ୍ୱାନ ଦେଇଛନ୍ତି ।

## ଟ୍ରମ୍ପ୍-ଇରାନ୍ ୪୮ ଆୱାର

ହର୍ମୁଜ୍ ପ୍ରଣାଳୀ ଖୋଲିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ ଇରାନକୁ ୪୮ ଘଣ୍ଟା ସମୟ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ୧୦ ଦିନ ପୂର୍ବେ ଇରାନ୍‌କୁ ଚୁକ୍ତି କରିବା ଲାଗି କିମ୍ବା ମାର୍ଚ୍ଚ

୨୬ ତାରିଖ ସୁଦ୍ଧା ହର୍ମୁଜ ପ୍ରଣାଳୀ ଖୋଲିବା ଲାଗି ସମୟ ଦେଇଥିଲେ । ତେବେ ଏବେ ମାତ୍ର ୪୮ ଘଣ୍ଟା ସମୟ ଦିଆଯାଇଛି । ଯଦି ଇରାନ୍ ହର୍ମୁଜ୍ ପ୍ରଣାଳୀ ନ ଖୋଲେ, ସେକ୍ଷେତ୍ରରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି । ଆମେରିକା ରାଷ୍ଟ୍ରପତି ଇରାନ୍‌ର ଶକ୍ତିସ୍ଥଳଗୁଡ଼ିକ ଉପରେ ବୋମା ବର୍ଷଣ ଲାଗି ଧମକ ଦେଉଥିବାବେଳେ ଯୁଦ୍ଧ ସମାପ୍ତ କରିବାପାଇଁ କୂଟନୈତିକ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି ।

ସୂଚନାଯୋଗ୍ୟ, ଗତମାସ ୨୬ ତାରିଖରେ ଶ୍ରୀ ଟ୍ରମ୍ପ ଇରାନ୍‌ର ଅନୁରୋଧକ୍ରମେ ତେହେରାନକୁ ଚୁକ୍ତି କରିବା ଲାଗି ସମୟସୀମା ବୃଦ୍ଧି କରିଥିଲେ । କିନ୍ତୁ ସେଭଳି କୌଣସି ଅନୁରୋଧ କରାଯାଇ ନ ଥିବା ଇରାନ୍ ସ୍ପଷ୍ଟ କରିଥିଲା ।

## ଟ୍ରମ୍ପ - ଇରାନ୍ ମିଲିଟାରୀ

ତେହେରାନ୍ ଉପରେ ପ୍ରବଳ ଆକ୍ରମଣ ଫଳରେ ଇରାନ ସେନାର ଅନେକ ଅଧିକାରୀଙ୍କ ମୃତ୍ୟୁ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି । ତେହେରାନ୍ ଉପରେ ଆମେରିକା ସେନାର ଆକ୍ରମଣ ସମ୍ବଳିତ ଏକ ଭିଡ଼ିଓ ଜାରି କରି ଶ୍ରୀ ଟ୍ରମ୍ପ କହିଛନ୍ତି, ଇରାନ୍ ଯେଉଁ ସାମରିକ

ନେତାମାନେ ଅନଭିଜ୍ଞ ଭାବେ କାର୍ଯ୍ୟ କରୁଥିଲେ, ସେମାନେ ତେହେରାନ ଉପରେ ଆକ୍ରମଣରେ ନିପାତ ହୋଇଛନ୍ତି ।

## ଫିଶରମେନ୍ - ୱେଷ୍ଟ ଏସିଆ

ପଶ୍ଚିମ ଏସିଆରେ ଦେଖାଦେଇଥିବା ପରିସ୍ଥିତି ମଧ୍ୟରେ ଇରାନରେ ଅଟକି ରହିଥିବା ୩୪୫ ଜଣ ଭାରତୀୟ ମତ୍ସ୍ୟଜୀବୀ ଗତକାଲି ନିରାପଦରେ ଚେନ୍ନାଇରେ ପହଞ୍ଚିଛନ୍ତି । ସେମାନଙ୍କୁ ଆର୍ମେନିଆ ଦେଇ ଭାରତ ମଧ୍ୟକୁ ଅଣାଯାଇଛି । ବୈଦେଶିକ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ସମ୍ପୃକ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟରେ ସୁରକ୍ଷିତ ଭାବେ ଅଣାଯାଇପାରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏନେଇ ଆର୍ମେନିଆ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଇରାନରେ ଅଟକି ରହିଥିବା ଭାରତୀୟ ନାଗରିକମାନଙ୍କୁ ଆର୍ମେନିଆ ମଧ୍ୟଦେଇ ଦେଶକୁ ଆଣିବା ଲାଗି ସେଠାକାର ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଗତ ଗୁରୁବାର ଦିନ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଥିଲା, ଏପର୍ଯ୍ୟନ୍ତ ଇରାନ୍‌ରେ ଅଟକି ରହିଥିବା ୧ ହଜାର ୨ ଶହରୁ ଅଧିକ ନାଗରିକଙ୍କୁ ଭାରତ ଅଣାଯାଇଥିବାବେଳେ ୯୯୬ ଜଣ ଆର୍ମେନିଆକୁ ଯାଇଛନ୍ତି ।

# ୟୁ.ଜି.ସି. - କ୍ୟୁ.ଏସ୍. ୱାର୍ଲଡ ର୍ୟାଙ୍କିଂ

୨୦୨୭ କ୍ୟୁ.ଏସ୍. ବିଶ୍ୱ ର୍ୟାଙ୍କିଂ ନିମନ୍ତେ ତଥ୍ୟ ଉପସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁ.ଜି.ସି. ସୂଚନା ଦେଇଛି । ଦେଶର ଯୋଗ୍ୟ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଚଳିତ ମାସ ୧୨ ତାରିଖ ସୁଦ୍ଧା କ୍ୟୁ.ଏସ୍. ହବ୍ ପୋର୍ଟାଲ୍‌ରେ ଆବେଦନ କରିବା ଲାଗି ୟୁ.ଜି.ସି. ଅନୁରୋଧ କରିଛି । କ୍ୱାକ୍ୱାରେଲି ସାଇମଣ୍ଡସ୍‌ଦ୍ୱାରା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୈକ୍ଷିତ ଦକ୍ଷତା, ନିଯୁକ୍ତି, ଗବେଷଣା ପ୍ରଭାବ ଏବଂ ଆନ୍ତର୍ଜାତିକ ମାନ୍ୟତା ସମ୍ପର୍କିତ ବିଷୟଗୁଡ଼ିକୁ ବିଶ୍ଳେଷଣ କରାଯାଇ କ୍ୟୁ.ଏସ୍. ବିଶ୍ୱ ର୍ୟାଙ୍କିଂ ପ୍ରସ୍ତୁତ କରାଯାଇଥାଏ । ୨୦୨୬ରେ ଦେଶର ଦେଢ଼ହଜାରଟି ପ୍ରତିଷ୍ଠାନ ୧୦୫ଟି ବିଷୟରେ ବିଶ୍ୱ ର୍ୟାଙ୍କିଂରେ ସ୍ଥାନ ପାଇଥିଲା ।

# ପ୍ରୋଜେକ୍ଟ ଚେତକ

ସୀମା ସଡ଼କ ସଙ୍ଗଠନର ପ୍ରେଜେକ୍ଟ ଚେତକ ୪୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି । ରାଜସ୍ଥାନର ବିକାନେର୍‌ଠାରେ ଆୟୋଜିତ ପ୍ରତିଷ୍ଠା ଦିବସ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୀମା ସଡ଼କ ସଙ୍ଗଠନର ଉତ୍ସର୍ଗୀକୃତ ସେବାକୁ ସ୍ମରଣ କରାଯାଇଛି । ୧୯୮୦ ମସିହାରେ ଆରମ୍ଭ ହୋଇଥିବା

ଚେତକ ପ୍ରକଳ୍ପ ରାଜସ୍ଥାନ, ପଞ୍ଜାବ ଏବଂ ଗୁଜରାଟର ଉତ୍ତର ଭାଗରେ ଭିତ୍ତିଭୂମି ବିକାଶ ଏବଂ ରକ୍ଷଣାବେକ୍ଷଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । "ଚେତକ କା ପ୍ରୟାସ', ଦେଶ୍ କା ବିକାଶ" ମୂଳମନ୍ତ୍ର ସହିତ ଚେତକ ପ୍ରକଳ୍ପ ଏପର୍ଯ୍ୟନ୍ତ ୪ ହଜାର କିଲୋମିଟରରୁ ଅଧିକ ରାସ୍ତା ସଂଯୋଗୀକରଣ ନେଟ୍‌ୱାର୍କ ସହ ୨୧୪ କିଲୋମିଟର ଅଞ୍ଚଳରେ ଆନ୍ତର୍ଜାତିକ ସୀମା ନିକଟରେ ସଂଯୋଗୀକରଣ ରାସ୍ତାଗୁଡ଼ିକୁ ସୁରକ୍ଷିତ କରିଛି ।

## ଟେରର - ସୋସିଆଲ୍ ମେଡିଆ

ଇସ୍‌ଲାମିକ୍ ଷ୍ଟେଟ୍ ସମେତ ଅନେକ ଆତଙ୍କବାଦୀ ସଙ୍ଗଠନ ସାମାଜିକ ଗଣମାଧ୍ୟମଗୁଡ଼ିକୁ ନିଜର ଚିନ୍ତାଧାରା ପ୍ରଚାର, ନିଯୁକ୍ତି, ସଙ୍ଗଠିତ କରିବା ଓ ଆତଙ୍କବାଦୀ କାର୍ଯ୍ୟକଳାପପାଇଁ ବ୍ୟବହାର କରୁଛନ୍ତି । ନ୍ୟୁୟର୍କସ୍ଥିତ ଥିଙ୍କ୍ ଟ୍ୟାଙ୍କ୍ ଗେଟ୍‌ଷ୍ଟୋନ୍ ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି । କମ୍ ମୂଲ୍ୟରେ ଏବଂ ଦ୍ରୁତଗତିରେ ବିଶ୍ୱସ୍ତରୀୟ ସଂଯୋଗ ଉପଲବ୍ଧ କରାଇବା କ୍ଷେତ୍ରରେ ସାମାଜିକ ଗଣମାଧ୍ୟମର ଲୋକପ୍ରିୟତାକୁ ଆଇ.ଏସ୍.ଆଇ.ଏସ୍. ଭଳି ସଙ୍ଗଠନଗୁଡ଼ିକ ନିଜର ଉଦ୍ଦେଶ୍ୟ ସାଧନ ଲାଗି ବ୍ୟବହାର କରୁଛନ୍ତି । ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ ଚିନ୍ତାଧାରାକୁ ସଠିକ୍ ଦର୍ଶାଇ ୧୨ ବର୍ଷ ବୟସର ପିଲାମାନଙ୍କୁ ଭାବପ୍ରବଣ କରିବା ଏବଂ

ସେମାନଙ୍କ ମନସ୍ତତ୍ତ୍ୱରେ ପରିବର୍ତ୍ତନ ଲାଗି ସମ୍ପୃକ୍ତ ସଙ୍ଗଠନଗୁଡ଼ିକ ସାମାଜିକ ଗଣମାଧ୍ୟମର ବ୍ୟବହାର କରୁଛନ୍ତି । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏହି ପ୍ରସଙ୍ଗ ସୁରକ୍ଷା ସମ୍ବନ୍ଧୀୟ ଆହ୍ୱାନ ସୃଷ୍ଟି କରିଛି । ବିଶେଷକରି ଭାରତର ଜମ୍ମୁ-କାଶ୍ମୀର ଅଞ୍ଚଳରେ ସାମାଜିକ ଗଣମାଧ୍ୟମର ବ୍ୟବହାର କରି ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଅନ୍‌ଲାଇନ୍ ନିଯୁକ୍ତି କ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ପ୍ରବର୍ତ୍ତାଉଛନ୍ତି । ଭାରତ-ପ୍ରଶାନ୍ତ ମହାସାଗୀୟ ଅଞ୍ଚଳରେ ଆଇ.ଏସ୍.ଆଇ.ଏସ୍. ଏହି ଅଭିଯାନର ନେତୃତ୍ୱ ନେଉଛି ।

ରିପୋର୍ଟ ଅନୁଯାୟୀ ଗତବର୍ଷ ଡିସେମ୍ବର ୧୪ ତାରିଖରେ ଅଷ୍ଟ୍ରେଲିଆ ଏବଂ ନୂଆଦିଲ୍ଲୀର ଲାଲ୍‌କିଲ୍ଲା ଆକ୍ରମଣ ପରେ ଏହି ବିଷୟ ସ୍ୱଷ୍ଟ ହୋଇଥିଲା ।

## ଆଇ.ପି.ଏଲ୍. - କ୍ରିକେଟ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତ ସନ୍ଧ୍ୟାରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ୬ ରନ୍‌ରେ ଗୁଜୁରାଟ୍ ଟାଇଟନ୍‌ସକୁ ପରାସ୍ତ କରିଛି । ୨୧୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜୁରାଟ୍ ଟାଇଟନ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୪ ରନ୍ ସ୍କୋର୍ କରିବାକୁ ସକ୍ଷମ ହୋଇଥିଲା । ଗୁଜୁରାଟ୍

ଟାଇଟନ୍ସ ଏଥିସହିତ ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି । ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲ୍ସ୍ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୨୧୦ ରନ୍ ସ୍କୋର କରିଥିଲା । ଧ୍ରୁବ୍ ଜୁରେଲ୍ ସର୍ବାଧିକ ୭୫ ରନ୍ ସ୍କୋର୍ କରିଥିବାବେଳେ ଯଶସ୍ୱୀ ଜୟଶ୍ୱାଲ୍ ୫୫ ଏବଂ ବୈଭବ ସୂର୍ଯ୍ୟବଂଶୀ ୩୧ ରନ୍ ସ୍କୋର୍ କରିଥିଲେ ।

ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୬୨ ରନ୍ ସ୍କୋର୍ କରିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ୧୮ ଓଭର ଗୋଟିଏ ବଲ୍‌ରେ ୪ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ହାଇଦ୍ରାବାଦସ୍ଥିତ ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ଖେଳାଯିବ ।

ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

*****